ଚତୁର୍ଦ୍ଦଶ ଅଧ୍ୟାୟ

# ପ୍ରାଥମିକ ଚିକିତ୍ସା

ତୁମେ ଘରେ ଓ ବାହାରେ ବିଭିନ୍ନ ପ୍ରକାର ଦୁର୍ଘଟଣା ଘଟିବାର ଦେଖିଥିବ । ସେଗୁଡ଼ିକୁ ତଳେ ଲେଖ ।

---------------------------------------------------------------------------

---------------------------------------------------------------------------

ଯେକୌଣସି ଦୁର୍ଘଟଣା ଘଟିଲେ ଡାକ୍ତର ଖାନାରେ ପହଞ୍ଚିବା ପୂର୍ବରୁ ଆମେ ସାଧାରଣତଃ ପ୍ରଥମେ କିଛି ଅସ୍ଥାୟୀ ଚିକିତ୍ସା କରିଥାଉ। ଏହି ଚିକିତ୍ସାକୁ **ପ୍ରାଥମିକ ଚିକିତ୍ସା** କୁହାଯାଏ । ଏହାର ଲକ୍ଷ୍ୟ ହେଉଛି

- ଆହତ ବ୍ୟକ୍ତିର କଷ୍ଟ ଲାଘବ କରିବା ।
- ଅବସ୍ଥାରେ ଉନ୍ନତି ଆଣିବା ।

ପ୍ରାଥମିକ ଚିକିତ୍ସା କରିବା ପାଇଁ କେତେକ ଉପକରଣର ଆବଶ୍ୟକ ହୋଇଥାଏ । ଏହି ଉପକରଣକୁ ସାଧାରଣତଃ ଗୋଟିଏ ବାକ୍ସରେ ରଖାଯାଏ । ଏହି ବାକ୍ସକୁ ପ୍ରାଥମିକ ଚିକିତ୍ସା ବାକ୍ସ କୁହାଯାଏ । ଏଥିରେ ତୁଳା, ବ୍ୟାଣ୍ଡେଜ୍ କପଡା, ଆୟୋଡିନ୍, କଇଁଚି, ଛୋଟସାବୁନ, ଡେଟଲ୍ ଇତ୍ୟାଦି ସହ ଜ୍ୱର, ଝାଡା ଓ ବାନ୍ତି ପାଇଁ କିଛି ପ୍ରାଥମିକ ଔଷଧ ଥାଏ ।

**ଦୁର୍ଘଟଣା ଘଟିଲେ କି କି ପ୍ରାଥମିକ ଚିକିତ୍ସା ଅବଲମ୍ବନ କରାଯାଏ ,ଆସ ସେ ବିଷୟରେ ଆଲୋଚନା କରିବା ।**

- କୁକୁର କାମୁଡିଲେ



- ପ୍ରଥମେ କ୍ଷତ ସ୍ଥାନକୁ ଭଲଭାବରେ ସାବୁନ୍ ବା ଡେଟଲ୍‌ପାଣିରେ ଧୋଇଦେବା ।
- କ୍ଷତ ସ୍ଥାନକୁ ପରିଷ୍କାର କନାରେ ବାନ୍ଧି ଦେବା ।
- ଡାକ୍ତରଙ୍କ ପାଖକୁ ନେଇଯିବା ।

**ତୁମେ ଜାଣିଛ କି ?**

କୁକୁର କିମ୍ବା ବିଲୁଆ କାମୁଡ଼ିଲେ ଡାକ୍ତରଙ୍କ ସହିତ ପରାମର୍ଶକରି ଅତି ଶୀଘ୍ର ଇଞ୍ଜେକ୍‌ସନ୍ ନେବା ଉଚିତ୍, ନଚେତ୍ ଜଳାନ୍ତକ ରୋଗ ହେବାର ସମ୍ଭାବନା ଥାଏ ।

**ତୁମ ଅଞ୍ଚଳରେ କେତେକ ଲୋକ ଘରେ ନିଶ୍ଚୟ କୁକୁର ପୋଷିଥିବେ । ସେମାନେ କୁକୁରକୁ କି ଇଞ୍ଜେକ୍‌ସନ୍ ଦେଇଥାଆନ୍ତି ଓ କାହିଁକି - ପଚାରି ବୁଝି ଲେଖ ।**

----------------------------------------------------------------------

----------------------------------------------------------------------



ନାକରୁ ରକ୍ତ ବାହାରିଲେ

- ପାଟି ଦ୍ୱାରା ଶ୍ୱାସକ୍ରିୟା କରିବା
- ନାକକୁ ପାଣିରେ ଧୋଇ ଦେବା
- ମୁଣ୍ଡ ଉପରକୁ କରି ରଖିବା
- ଓଦା କନା ନାକ ଉପରେ ଦେବା
- ନାକର ଯେଉଁ ପଟେ ରକ୍ତ ବାହାରୁ ଥିବ ତାକୁ ଜୋର୍‌ରେ ଚାପି ଧରିବା

ଦୁର୍ଘଟଣା

ପ୍ରାଥମିକ ଚିକିତ୍ସା

ହାତରେ
ବାଣ ଫୁଟିଗଲେ





ରୋଷେଇ ସମୟର
ପିନ୍ଧା ଲୁଗାରେ
ନିଆଁ ଲାଗିଲେ





**କେଉଁ ଦୁର୍ଘଟଣା ପାଇଁ କେଉଁ ବ୍ୟବସ୍ଥା କରାଯାଇଛି ଚିତ୍ର ଦେଖି ଲେଖ ।**

--------------------------------------------------------------------------------

--------------------------------------------------------------------------------

**ଏଥିରୁ ଆମେ ଜାଣିଲେ-**

କୌଣସି ଦୁର୍ଘଟଣା ଯୋଗୁ ହାତ କିମ୍ବା ଗୋଡ଼ ପୋଡ଼ିଗଲେ ପୋଡ଼ାଜଳାର କଷ୍ଟ କମିବା ପର୍ଯ୍ୟନ୍ତ କ୍ଷତ ସ୍ଥାନକୁ ଥଣ୍ଡା ପାଣିରେ ବୁଡାଇ ରଖିବ କିମ୍ବା ପୋଡ଼ା ସ୍ଥାନରେ ବରଫ ଲଗାଇ ରଖିବ । କିନ୍ତୁ ପିନ୍ଧିଥିବା ଲୁଗାପଟାରେ ନିଆଁ ଲାଗିଲେ ଶରୀରକୁ ସଙ୍ଗେ ସଙ୍ଗେ କମ୍ବଳ ଦ୍ୱାରା ଘୋଡ଼ାଇ ରଖିବ ।

ପାଣିରେ
ବୁଡିଗଲେ





ଚିତ୍ର ଦେଖି ସାଙ୍ଗମାନଙ୍କ ସହ ଆଲୋଚନା କରି ଲେଖ ।

--------------------------------------------------------------------------------

--------------------------------------------------------------------------------

ଆସ ଆଉ କେତେକ ଦୁର୍ଘଟଣାର ପ୍ରାଥମିକ ଚିକିତ୍ସାଗୁଡ଼ିକୁ ଜାଣିବା ।

### ବିଛା ବା ବିଷାକ୍ତ କୀଟ କାମୁଡ଼ିଲେ


ବିଛା, ଭଁଅର ବା ବିରୁଡ଼ି କାମୁଡ଼ିଲେ ଖୁବ ବିନ୍ଧା ହୁଏ । ଏପରି ହେଲେ କ୍ଷତ ସ୍ଥାନକୁ ବାରମ୍ବାର ଚୂନ ପାଣିରେ ଧୋଇଲେ ବା ଚୂନପାଣିଭିଜା କନା ଗୁଡ଼ାଇ ରଖିଲେ ବିନ୍ଧା କମିଯିବ । ଏହାପରେ ଡାକ୍ତରଙ୍କୁ ଦେଖାଇ ଚିକିତ୍ସା କରିବ ।

### ସାପ କାମୁଡ଼ିଲେ

ସାପ କାମୁଡ଼ିବା ସଙ୍ଗେ ସଙ୍ଗେ କ୍ଷତ ସ୍ଥାନର ଉପର ଓ ତଳ ଅଂଶକୁ କନା ବା ଦଉଡ଼ିରେ ଶକ୍ତ କରି ବାନ୍ଧିଦେବ। ଏପରି କଲେ ବିଷ, ରକ୍ତ ମାଧ୍ୟମରେ ଦେହର ଅନ୍ୟ ଅଂଶକୁ ଯାଇପାରିବ ନାହିଁ । ବାନ୍ଧିଦେବା ପରେ ରକ୍ତ ବହୁଥିଲେ, ସେହି ସ୍ଥାନକୁ ଚିପି ବିଷାକ୍ତ ରକ୍ତ ବାହାର କରିଦେବ । ଏହାପରେ ଡାକ୍ତରଙ୍କୁ ଦେଖାଇ ଚିକିତ୍ସା କରିବ ।

### ବିଷାକ୍ତ ଖାଦ୍ୟ ଖାଇଲେ

ଅନେକ ସମୟରେ ଲୋକମାନେ ବିଷାକ୍ତ ଖାଦ୍ୟ ଖାଇ ଅସୁସ୍ଥ ହୁଅନ୍ତି । ବିଷାକ୍ତ ଖାଦ୍ୟ ପେଟରେ ରହିଲେ ଶରୀରର କ୍ଷତି ହୁଏ । ତେଣୁ ଏହି ବିଷାକ୍ତ ଖାଦ୍ୟକୁ ବାନ୍ତି କରାଇ ବାହାର କରିଦେବା ଭଲ । ପାଟିରେ ଆଙ୍ଗୁଠି ପୁରାଇଲେ ବା ପଟାସପାଣି ପିଆଇଲେ ବାନ୍ତି ହୋଇଯିବ । ଏହାପରେ ଡାକ୍ତରଙ୍କୁ ଦେଖାଇ ଚିକିତ୍ସା କରିବ ।




■ ଉପରେ ଦିଆଯାଇଥିବା ଚିତ୍ରଟିକୁ ଆମେ କ'ଣ କହୁ ? ____________________

■ ଏହାକୁ ଆମେ କେଉଁ କାର୍ଯ୍ୟ ପାଇଁ ବ୍ୟବହାର କରିଥାଉ ? ____________________

ଥର୍ମୋମିଟରର ଚିତ୍ରକୁ ଦେଖ । ଏଥିରେ ପାରଦ ନାମକ ଏକ ତରଳ ଧାତୁ ଥାଏ । ଏହି ଧାତୁ ତାପ ପାଇଲେ କାଚନଳୀ ଭିତରେ ପ୍ରସାରିତ ହୋଇ ଉପରକୁ ଉଠିଯାଏ । ଏହାକୁ ଆମେ କାଚନଳୀ ଦେଇ ବାହାରପଟୁ ଦେଖିପାରୁ । ପାରଦର ଏହି ପ୍ରସାରଣ ଦ୍ୱାରା ଆମେ ଶରୀରର ତାପମାତ୍ରା ଜାଣିପାରୁ ।

ତୁମେ ବ୍ୟବହାର କରୁଥିବା ସ୍କେଲର ଚିହ୍ନ ପରି ଏଥିରେ କେତେକ ଛୋଟ ଓ ବଡ଼ ଦାଗ ଦିଆଯାଇଥାଏ । ସବୁଠାରୁ ତଳ ଚିହ୍ନ ପାଖରେ ୯୫ $^{\circ}$F ଚିହ୍ନ ପାଖରେ ୧୧୦ $^{\circ}$F ଲେଖାଥାଏ । ଦୁଇ ଚିହ୍ନର ମଝି ଅଂଶକୁ ୧୫ ଭାଗରେ ବିଭକ୍ତକରି ୯୬ $^{\circ}$F, ୯୭ $^{\circ}$F, ୯୮ $^{\circ}$F ଇତ୍ୟାଦି କ୍ରମାନ୍ୱୟରେ ଗୋଟିଏ ଗୋଟିଏ ବଡ଼ ଗାରତଳେ ଲେଖାଯାଇଥାଏ । ପୁଣି ପ୍ରତି ଡିଗ୍ରୀକୁ ୧୦ ଭାଗରେ ବିଭକ୍ତକରି ଚିହ୍ନିତ କରାଯାଇଥାଏ ।

ଆମ ଶରୀରର ସାଧାରଣ ତାପମାତ୍ରା ୯୮.୪ $^{\circ}$F ଥର୍ମୋମିଟରରେ ଏହି ଡିଗ୍ରୀ ସୂଚାଉଥିବା ଦାଗକୁ ନାଲି ରଙ୍ଗରେ ଚିହ୍ନିତ କରାଯାଇଥାଏ । ଆମ ଶରୀରର ତାପମାତ୍ରା ଜାଣିବା ପାଇଁ ଆମେ ଥର୍ମୋମିଟର ବ୍ୟବହାର କରିଥାଉ ।

■ ଶରୀରର ତାପମାତ୍ରା ଅଧିକ ହୋଇଗଲେ ରୋଗୀର ମୁଣ୍ଡ ଧୋଇଦିଆଯାଏ, କାରଣ କ'ଣ ପଚାରି ଲେଖ –

---------------------------------------------------------------------

ଆସ ଥର୍ମୋମିଟରର ବ୍ୟବହାର ସଂପର୍କରେ ଜାଣିବା ।


- ଥର୍ମୋମିଟର ବ୍ୟବହାର କରିବା ପୂର୍ବରୁ ଓ ପରେ ଭଲକରି ପାଣିରେ ଧୋଇଦେବା ।
- ଥର୍ମୋମିଟରର ଉପର ମୁଣ୍ଡକୁ ଧରି ଆସ୍ତେ ଆସ୍ତେ ଝାଡ଼ିଦେବା ଯେପରି ପାରଦ ସ୍ତମ୍ଭ ତୀର ଚିହ୍ନ ତଳକୁ ଖସି ଆସିବ ।
- ଜ୍ୱର ମାପିବା ପାଇଁ ଏହାକୁ ଜିଭ ତଳେ ବା କାଖ ସନ୍ଧିରେ ଦୁଇ ମିନିଟ୍ ପର୍ଯ୍ୟନ୍ତ ରଖିବା ।
- ଦୁଇ ମିନିଟ୍ ପରେ ଥର୍ମୋମିଟରକୁ କାଢି ପାରଦ ସ୍ତମ୍ଭ କେତେଦୂରରେ ପ୍ରସାରିତ ହୋଇଛି, ତାହା ଦେଖି ତାପମାତ୍ରା ଜାଣିବା ।





**ଶିକ୍ଷକଙ୍କ ପାଇଁ ସୂଚନା :-**


ଶିକ୍ଷକ ଶ୍ରେଣୀଗୃହରେ ଛାତ୍ରଛାତ୍ରୀଙ୍କୁ ଥର୍ମୋମିଟର ଦେଖାଇବେ ଓ ପ୍ରତି ଡିଗ୍ରୀକୁ ଦଶ ଭାଗରେ ବିଭକ୍ତ କରାଯାଇଥିବା ଅଂଶକୁ ଦେଖାଇବେ । $^{\circ}$F ଓ $^{\circ}$C ଯଥାକ୍ରମେ ଫାରେନ୍‌ହାଇଟ୍ ଓ ସେଣ୍ଟିଗ୍ରେଡ୍ ଥର୍ମୋମିଟର ବୋଲି ପିଲାଙ୍କୁ ବୁଝାଇବେ ।



**ତୁମେ ଜାଣିଛ କି ?**

■ ଆଜିକାଲି ଶରୀରର ତାପମାତ୍ରା ଜାଣିବାପାଇଁ ଡିଜିଟାଲ୍ ଥର୍ମୋମିଟର ବାହାରିଲାଣି ।

## ତରଳ ଝାଡ଼ା ରୋଗରେ ଆକ୍ରାନ୍ତ ଶିଶୁ ପାଇଁ ପ୍ରାଥମିକ ବ୍ୟବସ୍ଥା




ତୁମ ପରିବାରରେ ବା ପାଖ ପଡ଼ିଶାରେ ଶିଶୁମାନେ ତରଳଝାଡ଼ା ରୋଗରେ ଆକ୍ରାନ୍ତ ହେବାର ଦେଖିଥିବ । ତରଳଝାଡ଼ା ହେଲେ ଶିଶୁର ଶରୀରରୁ ଜଳୀୟ ଅଂଶର ପରିମାଣ କମିଯାଏ । ଶିଶୁଟି ଦୁର୍ବଳ ହୋଇଯାଏ । ଶିଶୁର ଶରୀରରେ ଜଳୀୟ ଅଂଶର ଅଭାବ ପୂରଣ କରିବା ପାଇଁ ଶୀଘ୍ର ବ୍ୟବସ୍ଥା କରାଯିବା ଆବଶ୍ୟକ ।

**ଲୁଣ ଓ ଚିନିପାଣି :** ଥଣ୍ଡା ହୋଇ ସାରିଥିବା ଫୁଟା ପାଣିରୁ ଏକ ଗ୍ଲାସ୍ ନେଇ ସେଥିରେ ଏକ ଚାମଚ୍ ଚିନି ଓ ଚିମୁଟାଏ ଲୁଣ ପକାଇ ଥରକୁ ଥର ପିଇବାକୁ ଦେବା ।

- ପଇଡ଼ପାଣି, ଘୋଳଦହି ଓ ତୋରାଣି ମଧ୍ୟ ପିଇବାକୁ ଦେବା ।
- ଦୋକାନରେ ମିଳୁଥିବା ଓ.ଆର୍.ଏସ, ପ୍ୟାକେଟ୍ ଆଣି ପାଣିରେ ମିଶାଇ ପିଇବାକୁ ଦେବା ।

ଏହାପରେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଔଷଧ ବ୍ୟବସ୍ଥା କରିବା ଆବଶ୍ୟକ ।

## ଆମେ କ'ଣ ଶିଖିଲେ ?

- ଦୁର୍ଘଟଣା ଘଟିଲେ ଆହତ ବ୍ୟକ୍ତିଙ୍କୁ ଡାକ୍ତରଖାନା ନେବା ପୂର୍ବରୁ କେତେକ ଚିକିତ୍ସା କରିବାକୁ ପଡ଼ିଥାଏ । ଯାହା ଫଳରେ ଆହତ ବ୍ୟକ୍ତିଟିର ଅବସ୍ଥାରେ ଉନ୍ନତି ପରିଲକ୍ଷିତ ହୁଏ । ଏପରି ଚିକିତ୍ସାକୁ ପ୍ରାଥମିକ ଚିକିତ୍ସା କୁହାଯାଏ ।
- ଶରୀରର ତାପମାତ୍ରା ଜାଣିବା ପାଇଁ ଥର୍ମୋମିଟର ବ୍ୟବହାର କରାଯାଏ ।
- ତରଳ ଝାଡ଼ା ହୋଇଥିବା ଶିଶୁକୁ ଚିନି ଓ ଲୁଣ ମିଶା ପାଣି, ପଇଡ଼ପାଣି ଓ ଘୋଳଦହି ପିଇବାକୁ ଦିଆଯାଏ । ଏଥି ସହିତ ଶିଶୁକୁ ଓ. ଆର୍.ଏସ୍ ମଧ୍ୟ ଦିଆଯାଏ । ଫଳରେ ଶରୀରର ଜଳୀୟ ଅଂଶର ପରିମାଣ କିଛି ମାତ୍ରାରେ ବଢ଼ିଥାଏ ।

# ଅଭ୍ୟାସ

୧ । **ଠିକ୍ ଉକ୍ତିର ଡାହାଣ ପାର୍ଶ୍ୱରେ (✓) ଚିହ୍ନ ଓ ଭୁଲ ଉକ୍ତିର ଡାହାଣ ପାର୍ଶ୍ୱରେ (✗) ଚିହ୍ନ ଦିଅ ।**

(କ) ପ୍ରାଥମିକ ଚିକିତ୍ସା କେବଳ ଡାକ୍ତରଙ୍କ ଦ୍ୱାରା କରାଯାଇଥାଏ । ☐

(ଖ) ଥର୍ମୋମିଟରରେ ଶରୀରର ତାପମାତ୍ରା ମପାଯାଇଥାଏ । ☐

(ଗ) ଶିଶୁକୁ ତରଳଝାଡ଼ା ହେଉଥିଲେ ପାଣି ପିଇବାକୁ ଓ ଖାଇବାକୁ ଦିଆଯାଏ ନାହିଁ । ☐

(ଘ) ନାକରୁ ରକ୍ତ ପଡ଼ିଲେ ପାଟି ଦ୍ୱାରା ଶ୍ୱାସକ୍ରିୟା କରାଯାଏ । ☐

(ଙ) ପାଣିରେ ବୁଡ଼ିଯାଇଥିବା ଲୋକକୁ ଉପରକୁ ଆଣି ଚିତ୍ କରି ଶୁଆଇବା । ☐

୨ । ପ୍ରାଥମିକ ଚିକିତ୍ସା ବାକ୍ସରେ ରଖାଯାଇଥିବା ତିନୋଟି ଜିନିଷର ନାମ ଲେଖ ।

____________ ____________ ____________

୩ । ଥର୍ମୋମିଟରର ଚିତ୍ର ଅଙ୍କନ କର ।

୪ । କାରଣ ଦର୍ଶାଅ : -

(କ) ଥର୍ମୋମିଟରକୁ ଜିଭ ତଳେ ବା କାଖ ସନ୍ଧିରେ ୨ ମିନିଟ୍‌ରୁ କମ୍ ସମୟ ରଖାଯାଏ ନାହିଁ ।

(ଖ) ସାପ କାମୁଡ଼ିଥିଲେ କ୍ଷତ ଜାଗାର ଉପର ଓ ତଳ ଅଂଶକୁ ବାନ୍ଧି ଦିଆଯାଏ ।

୫ । କ'ଣ କରିବ ଲେଖ :-

(କ) ଆଙ୍ଗୁଠି ନିଆଁରେ ପୋଡ଼ିଗଲେ-

(ଖ) ପିଲାଟିଏ ପାଣିରେ ବୁଡ଼ି ଯାଉଥିଲେ-

(ଗ) ମୁଣ୍ଡ ଫାଟିଗଲେ-

**ଘରେ କରିବା ପାଇଁ କାମ :-**

ଅଂଶୁଘାତ ସମୟରେ କି କି ପ୍ରାଥମିକ ଚିକିତ୍ସାର ବ୍ୟବସ୍ଥା କରାଯାଏ ତାହା ଚାର୍ଟରେ ଲେଖି ବିଦ୍ୟାଳୟ କାନ୍ଥରେ ଲଗାଅ ।